ଧରିତ୍ରୀ
DHARITRI
ବୁଧବାର, ୨୪ ଜୁଲାଇ, ୨୦୧୯



## ସଂକ୍ଷେପରେ

### ପୂର୍ବତନ ସମିତି ସଭ୍ୟଙ୍କ ମୃତ୍ୟୁ

ଛେଣ୍ଡିପଦା, ୨୩।୭(ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କପିଳ ଗଡ଼ନାୟକ(୩୭)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସକାଳେ ପରିବାର ଲୋକେ ତାଙ୍କୁ ଉଠାଇବାରୁ ସେ ଉଠି ନ ଥିଲେ। ଦେହ କଳା ପଡ଼ିଯାଇଥିବାରୁ ସାପ କମୁଡ଼ି ଥିବା ସନ୍ଦେହ କରି ପରିବାର ଲୋକ ତାଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଅପହୃତା ଯୁବତୀ ଉଦ୍ଧାର

ବଇଣ୍ଡା, ୨୩।୭(ଡି.ଏନ.ଏ.)- ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସୋମବାର ରାତିରେ ଅପହରଣ କରାଯାଇଥିବା ବେଳେ ମଙ୍ଗଳବାର ତାଙ୍କୁ ଆଠମଲ୍ଲିକ ବ୍ଲକ ଅଞ୍ଚଳର ଜଣେ ଶିକ୍ଷକଙ୍କ ଘରୁ ଠାକୁରଗଡ଼ ଓ ହଣ୍ଡପା ପୋଲିସ ଉଦ୍ଧାର କରିଛି। ପୋଲିସ କହିଛି, ବୁଧବାର ସମ୍ପୃକ୍ତା ଯୁବତୀ ସିଲେଇ ଶିଖିବା ପାଇଁ ଅନୁଗୋଳ ଯାଇଥିଲେ। ହେଲେ ଘରକୁ ଫେରି ନ ଥିଲେ। ସେଠାରୁ ତାଙ୍କୁ କେହି ଅପହରଣ କରି ନେଇଥିବା ତାଙ୍କ ମା’ ହଣ୍ଡପା ଥାନାରେ ଅଭିଯୋଗ କରିଥିଲେ। ଶିକ୍ଷକଙ୍କ ଘରେ ଯୁବତୀ ଜଣକ ଥିବା ପରିବାର ଲୋକଙ୍କଠାରୁ ସୂଚନା ପାଇବା ପରେ ଠାକୁରଗଡ଼ ଥାନା ଆଇଆଇସି ଗବାକ୍ଷ ନାୟକ, ଏଏସ୍‌ଆଇ କରୁଣାକର ନନ୍ଦ, ହଣ୍ଡପା ଥାନା ଏଏସଆଇ କୁନୀ ବାରିକ, ପି.କେ. ଆଇଚ ଚଢ଼ାଉ କରିଥିଲେ। ପରେ ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରିଙ୍କ ଉପସ୍ଥିତରେ ଘର କବାଟ ତାଲା ଭାଙ୍ଗି ଅପହୃତା ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୁବତୀଙ୍କ ଡାକ୍ତରୀମାଇନା କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

■ବିଦ୍ୟୁତ୍ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

### କ୍ଷତିପୂରଣ ଦାବିରେ ଆନ୍ଦୋଳନ

ବଇଣ୍ଡା, ୨୩।୭(ଡି.ଏନ.ଏ.)- କିଶୋରନଗର ବ୍ଲକ ସେସୁ କାର୍ଯ୍ୟାଳୟ ଅଧୀନରେ ଥିବା ନାକିଚି ଛେଲିଆଡ଼ିପ ବିଦ୍ୟୁତ ସବ୍‌ଷ୍ଟେଶନ ପରିସରରୁ ସେଠାରେ କାର୍ଯ୍ୟରତ ବଇଣ୍ଡା ଗ୍ରାମର ପ୍ରହ୍ଲାଦ ମହାପାତ୍ର(୫୫)ଙ୍କ ମୃତଦେହ ମଙ୍ଗଳବାର ହଣ୍ଡପା ପୋଲିସ ଉଦ୍ଧାର କରିଛି। ପ୍ରହ୍ଲାଦ ଓ ତାଙ୍କର ଜଣେ ସହଯୋଗୀ ସେଠାରେ କାର୍ଯ୍ୟରତ ଥିଲେ। ସକାଳେ ପ୍ରହ୍ଲାଦ ନାକିଚି ଅଞ୍ଚଳକୁ ପରିବା କିଣିବା ପାଇଁ ଆସୁଥିବାବେଳେ ଗୋଡ଼ ଖସି ପଡ଼ିଯିବାରୁ କାର୍ଯ୍ୟାଳୟ ପରିସରରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଅଞ୍ଚଳବାସୀ କ୍ଷତିପୂରଣ ଦାବିରେ ବଇଣ୍ଡା ସେସୁ କାର୍ଯ୍ୟାଳୟଠାରେ ତାଙ୍କ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଡ୍ୟୁଟି ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଯୋଗୁ ତୁରନ୍ତ ସମସ୍ତ ପ୍ରକାର କ୍ଷତିପୂରଣ ଯୋଗାଇ ଦେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଥିଲେ। ଖବରପାଇ ବଇଣ୍ଡା ସେସୁ ଏସ୍‌ଡିଓ ମୋହନ ନାୟକ ପହଞ୍ଚି ପ୍ରହ୍ଲାଦଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ପ୍ରହ୍ଲାଦଙ୍କ ମୃତ୍ୟୁକୁ ନେଇ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବଇଣ୍ଡା ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନ, ଘାସିନାଥ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଏ ନେଇ ନଂ. ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବାଇକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ୍

ବଅଁରପାଳ, ୨୩।୭(ଡି.ଏନ.ଏ.)- ବଅଁରପାଳ ଥାନା ଗଡସନ୍ତ୍ରୀ ପିଢ଼ସାହି ନିକଟରେ ମଙ୍ଗଳବାର ଜଣେ ବାଇକ୍ ଚାଳକଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ଲୁଟ୍ କରିଛନ୍ତି। ପୋଲିସ କହିଛି, ସଞ୍ଜପଡ଼ା ଗ୍ରାମର ଶୁଭାଶିଷ ଗଡନାୟକ ଅପରାହ୍ନରେ ବଅଁରପାଳ ସପ୍ତାହିକ ହାଟରୁ ପରିବା କିଣି ସାରି ଘରକୁ ଫେରୁଥିବାବେଳେ ଗଡସନ୍ତ୍ରୀ ପିଢ଼ସାହି ନିକଟରେ ୬ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ୨୦୦୦ଟଙ୍କା ନେଇ ଯାଇଥିଲେ। ଏ ନେଇ ଶୁଭାଶିଷ ବଅଁରପାଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ଅନୁଗୋଳ ମେଡିକାଲରେ ପୁଣି ଉତ୍ତେଜନା

# ବ୍ୟବଚ୍ଛେଦ ପୂର୍ବରୁ ଗୋଟିଏ ଆଖି ଗାଏବ

ଅନୁଗୋଳ ଅଫିସ, ୨୩।୭

■କାର୍ଯ୍ୟକ୍ଷମ ହେବ ନୂଆ ଶବ ସଂରକ୍ଷଣ ଗୃହ

■ଲାଗିବ ସିସିଟିଭି, ଦିଆଗଲା ୩୦ ହଜାର ସହାୟତା

■୪ ଦିନ ମଧ୍ୟରେ ଏହା ଦ୍ୱିତୀୟ ଘଟଣା



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ଥିବା ଏକ ମୃତଦେହରୁ ପୁଣି ଗାଏବ ହୋଇଛି ଆଖି। ମଙ୍ଗଳବାର ସକାଳେ ଏପରି ଏକ ଅଭିଯୋଗକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଆଡିଶନାଲ ଏସ୍‌ପି ଯଦୁନାଥ ହାଂସଦା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମୀ ନାରାୟଣ ବିଷୋୟୀ ଓ ଉପଜିଲାପାଳ ବାସୁଦେବ ଶତପଥୀ ପହଞ୍ଚି ବୁଝାଶୁଝା କରିଥିଲେ। ଘଟଣାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ୩୦ ହଜାର ଟଙ୍କାର ସହାୟତା ଓ ଅନ୍ୟାନ୍ୟ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା।

ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦା ବ୍ଲକ କୁଶକିଳା ଗ୍ରାମର ଜନ୍ମେଶ୍ୱର ନାଏକ(୩୨) ଓ ବିଭୂତି ଭୂଷଣ ଅନୁଗୋଳ ସହରରୁ ଫେରୁଥିବା ବେଳେ ଏକ ପିକ୍‌ଅପ୍ ନଂ. (ଓଆର୧୯ଡି–୬୨୬୧) ଉଭୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜନ୍ମେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ବିଭୂତି ଗୁରୁତର ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ବିଭୂତିଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ଜନ୍ମେଶ୍ୱରଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ମଙ୍ଗଳବାର ସକାଳ ୮ଟା ବେଳେ ଜନ୍ମେଶ୍ୱରଙ୍କ ପରିବାର ବର୍ଗ ମେଡିକାଲରେ ପହଞ୍ଚିଥିଲେ। ପଞ୍ଚନାମା ପାଇଁ ପୋଲିସ ମୃତଦେହ ବାହାରକୁ କାଢ଼ିବା ପରେ ତାଙ୍କ ଡାହାଣ ଆଖି ଗାଏବ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଖବରପାଇ ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ବିପ୍ଳବ ଜେନାଙ୍କ ସହ ଉଭୟ ଦଳର ବହୁ କର୍ମୀ ଓ ଜନସାଧାରଣ ମେଡିକାଲରେ ପହଞ୍ଚି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଅନୁଗୋଳ ଥାନା ଅଧିକାରୀ, ଆଡିଶନାଲ ଏସ୍‌ପି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ି ନ ଥିଲା। ପରେ ଉପଜିଲାପାଳ ବାସୁଦେବ ଶତପଥୀ ପହଞ୍ଚି ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା, ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୦ ହଜାର ଟଙ୍କା ଅନ୍ତିମ ସଂସ୍କାର ପାଇଁ ପ୍ରଦାନ କରାଯିବା ସହ ଆମ୍ବୁଲାନ୍ସରେ ମୃତଦେହ ତାଙ୍କ ଘରକୁ ପଠାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମେଡିକାଲରେ ନିର୍ମାଣ ହୋଇଥିବା ନୂତନ ଶବ ସଂରକ୍ଷଣଗୃହ କାର୍ଯ୍ୟକ୍ଷମ କରାଯିବ ବୋଲି ଏଡିଏମ୍‌ଓ ମେଡିକାଲ ବିଶୋଇ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟ ମଧ୍ୟରେ ଯଦି ରାତିରେ ମୃତଦେହ ଆସେ ତା’ହେଲେ ତୁରନ୍ତ ବ୍ୟବଚ୍ଛେଦ କରାଯିବ ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ଏଥିସହ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଉପଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶବ ସଂରକ୍ଷଣ ଗୃହରେ ସିସିଟିଭି ଲଗାଯିବାର ବ୍ୟବସ୍ଥା କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ଉତ୍ତେଜନା ଥମିଥିଲା।

## ଜିଲାପାଳଙ୍କ ରୁଦ୍ଧଦ୍ୱାର ବୈଠକ

ଅନୁଗୋଳ ଅଫିସ, ୨୩।୭

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି ଏହି ବୈଠକ ଡକାଇଥିବାବେଳେ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ, ସିଡିଏମ୍‌ଓ ପ୍ରତାପ କୁମାର ବେହେରା, ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇଙ୍କ ସହ ମେଡିକାଲର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ମେଡିକାଲରେ ନିର୍ମାଣ ହୋଇଥିବା ନୂତନ ଶବଗୃହକୁ ୧୫ ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଏହି ସମୟ ମଧ୍ୟରେ ମୃତଦେହ ଆସିଲେ ତାହା ପାଇଁ କଫିନ୍ ବ୍ୟବସ୍ଥା କରିବାକୁ ଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନୂତନ ଶବ ଗୃହରେ ସିସିଟିଭି ଲଗାଯିବା ସହ ମେଡିକାଲରେ ଲାଗିଥିବା ଅନ୍ୟ ସିସିଟିଭିକୁ ପୋଲିସ ମୁଖ୍ୟାଳୟ ସହ ସଂଯୋଗ କରାଯିବ ବୋଲି ଏସ୍‌ପି କହିଥିଲେ। ଆଖି ଗାଏବ ଘଟଣାରେ କାହାର ସମ୍ପୃକ୍ତି ରହିଛି ତାହାର ତଦନ୍ତ ରିପୋର୍ଟ ଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ମାଗିଛନ୍ତି।

## ସ୍ମେଲଟରରେ ଦୁର୍ଘଟଣା, ୪ ଆହତ



ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଜଣେ ଆହତଙ୍କ ଚିକିତ୍ସା ତଦାରଖ କରୁଛନ୍ତି।

ବଅଁରପାଳ, ୨୩।୭(ଡି.ଏନ.ଏ.)

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ କାଷ୍ଟ ହାଉସ ବି ପରିସରରେ ମଙ୍ଗଳବାର ଦୁର୍ଘଟଣା ଘଟି ୪ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ରିଙ୍କିନ ସାହୁ, ମିଥୁନୁ ନାଥ, ବିଶ୍ୱେଶ୍ୱର ସାମଲ ଓ ରାଜନୀକାନ୍ତ ପରିଡ଼ା। ପ୍ଲାଣ୍ଟ ପରିସରରେ ସେମାନେ କାମ କରୁଥିବାବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ହଠାତ୍ ଜୋରଦାର ନିଆଁ ବାହାରିଥିଲା। ଫଳରେ ୪ ଜଣ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ନାଲ୍‌କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏହି ଖବରପାଇ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀମାନେ ଭୁବନେଶ୍ୱରଠାରେ ଆହତମାନଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିଲେ। ସେମାନଙ୍କୁ କିପରି ଉପଯୁକ୍ତ ଚିକିତ୍ସା ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ସେଥିପ୍ରତି ନାଲ୍‌କୋ ଦୃଷ୍ଟି ଦେବ ବୋଲି ସିଏମ୍‌ଡି କହିଛନ୍ତି।

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି

ଅନୁଗୋଳ ଅଫିସ, ୨୩।୭

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ଚାରି ଦିନ ମଧ୍ୟରେ ଦୁଇଟି ମୃତ ଶରୀରରୁ ଆଖି ଗାଏବ ହେବା ଏବଂ ଅନୁଗୋଳ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ ଘଟଣାକୁ ନେଇ ଅନୁଗୋଳ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଶବଗୃହରେ ଥିବା ମୃତଦେହରୁ ଆଖି ଗାଏବ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଏହିଭଳି ସ୍ପର୍ଶକାତର ଘଟଣାର ପୁନରାବୃତ୍ତି ବନ୍ଦ ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରିବାକୁ କମିଟି ଦାବି କରିଛି। ସେହିପରି ନାବାଳିକା ବଳାତ୍କାର ଘଟଣାର ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କମିଟି ପକ୍ଷରୁ ଜିଲା ସମ୍ପାଦକ ଭିକାରୀ ପ୍ରଧାନ, ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ପ୍ରହ୍ଲାଦ ସାହୁ, ଜୟସେନ ମେହେର, ବ୍ରଜବନ୍ଧୁ ସାହୁ ପ୍ରମୁଖ ଦାବି କରିଛନ୍ତି।

## ଆଖି ଗାଏବ ଘଟଣାର ସିବିଆଇ ତଦନ୍ତ ଦାବି




ଆନ୍ଦୋଳନରେ ବସିଥିବା କମିଟି ସଦସ୍ୟମାନେ।

ଅନୁଗୋଳ ଅଫିସ, ୨୩।୭

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ଜଣେ ଶିଶୁକନ୍ୟା ଓ ଜନୈକ ଯୁବକଙ୍କ ମୃତଦେହରୁ ଆଖି ଗାଏବ ଘଟଣାର ସିବିଆଇ ତଦନ୍ତ ଦାବି କରିଛି ଜନଜୀବନ ସୁରକ୍ଷା କମିଟି। ମଙ୍ଗଳବାର ଏହି ଦାବି ନେଇ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

କମିଟି ପକ୍ଷରୁ କୁହାଯାଇଛି ଯେ, ଘଟଣାର ତଦନ୍ତ କରାଯାଇ ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦିଆଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋଦ୍ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ ବି ଅଦ୍ୟାବଧି ରିପୋର୍ଟ ପ୍ରଦାନ କରାଯାଇନାହିଁ। ସେହିପରି ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସମାଧାନ ପାଇଁ କମିଟି ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏ ନେଇ ପୂର୍ବରୁ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ସମ୍ପର୍କରେ ଅବଗତ କରାଯାଇଥିଲା। ଏପରି କି ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ଜିଲାପାଳ ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କିଛି ବି ପଦକ୍ଷେପ ନିଆଗଲା ନାହିଁ। ଚିକିତ୍ସାଳୟ ଶବଗୃହରୁ ମୃତ ଶିଶୁକନ୍ୟାଙ୍କ ଦୁଇଟି ଆଖି ଗାଏବ ହେବା ପରେ ମଙ୍ଗଳବାର ପୁଣି ଏକ ମୃତ ଶରୀରରୁ ଆଖି କେଉଁଆଡ଼େ ଗାଏବ ହୋଇଯାଇଛି। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସୁରକ୍ଷା କମିଟିର ମାନସ ପାଳ, ବଳରାମ ବେହେରା, ସୁବାସ ପ୍ରଧାନ, ଆଦ୍ୟଶ୍ଳୋକ ମିଶ୍ର, ରୁକେଶ ରୋଶନ ଦାସ, ପ୍ରତାପ ମହାପାତ୍ର, ପର୍ଶୁରାମ ଦାଶ, ପଦ୍ମଚରଣ ସାମଲ, ତୀର୍ଥବାସୀ ଭୋଇ ପ୍ରମୁଖ ଦାବି କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ବସିଥିଲେ। ତେବେ ଜିଲାପାଳଙ୍କ ବୁଝାଶୁଝା ପରେ କମିଟି ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଛି।

## ଶ୍ରାବଣରେ ବର୍ଷା ନାହିଁ, ଉପୁଜିଲାଣି ମରୁଡ଼ି ସ୍ଥିତି

ଆଠମଲ୍ଲିକ, ୨୩।୭(ଡି.ଏନ.ଏ.)

ଶ୍ରାବଣ ମାସ ଆରମ୍ଭ ହୋଇଯାଇଥିଲେ ମଧ୍ୟ ଖରାଦିନ ପରି ଅନୁଭୂତ ହେଉଛି। ଏହାର ପ୍ରଭାବ ସିଧାସଳଖ ପଡିଛି ଚାଷ ଉପରେ। ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିବାବେଳେ ଗଜା ମରୁଡି ଆଶଙ୍କା ଦେଖାଦେଇଛି। ଏଥିଯୋଗୁ ଚିନ୍ତାରେ ପଡିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ଚାଷୀ।

ଆଠମଲ୍ଲିକର ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରନ୍ତି। ହେଲେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଆଠମଲ୍ଲିକ ସହର ସମେତ ବ୍ଲକରେ ସମୁଦାୟ ୩୫,୮୮୦ ହେକ୍ଟର ଚାଷ ଜମି ରହିଛି। ଏଥିରୁ ୧୨,୪୦୫ ହେକ୍ଟର ଜମିରେ ଧାନ ଓ ୨୩,୪୭୫ ହେକ୍ଟରରେ ଅଣଧାନ ଚାଷ କରାଯାଏ। ବର୍ତ୍ତମାନ ସୁଦ୍ଧା ୧୨,୪୦୫ ହେକ୍ଟର ଚାଷ ଜମିରୁ ମାତ୍ର ୬,୩୨୦ ହେକ୍ଟରରେ ଧାନ ବୁଣା ହୋଇଥିବା ବେଳେ ୪୯୫ ହେକ୍ଟର ଜମିରେ ତଳି ପଡିଛି। ବର୍ଷା ଅଭାବରୁ ତଳି ପଡିଥିବା ଧାନ ରୁଆ ଯାଇ ପାରି ନ ଥିବା ବେଳେ ବୁଣାଯାଇଥିବା ଧାନ ଶୁଖି ଆସିଲାଣି। ଚାଷ ପାଇଁ ଜୁନ୍‌ରେ ୨୨୫ ମିମି ବର୍ଷାର ଆବଶ୍ୟକତା ଥିବା ବେଳେ ଆଠମଲ୍ଲିକରେ ମାତ୍ର ୯୨ମିମି ବର୍ଷା ହୋଇଛି। ସେହିପରି ଜୁଲାଇରେ ୩୪୭ ମିମି ସ୍ଥାନରେ ୧୨୦ ମିମି ବର୍ଷା ହୋଇଛି। ସମୁଦାୟ ଜମିରେ କେବେ ଚାଷ ହେବ ସେ ନେଇ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ଶ୍ରାବଣ ମାସର ସପ୍ତାହେ ବିତିଯାଇଥିଲେ ମଧ୍ୟ ଟୋପାଏ ସୁଦ୍ଧା ବର୍ଷା ହୋଇନାହିଁ। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ରାଜେନ୍ଦ୍ର କୁମାର ଦାସ କହିଛନ୍ତି, ଆସନ୍ତା ୧୦ ଦିନ ମଧ୍ୟରେ ବର୍ଷା ନ ହେଲେ ଗଜା ମରୁଡି ଆଶଙ୍କା ରହିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଚାଷୀମାନେ ଶସ୍ୟ ବୀମା କରାଇ ନେବାକୁ ଦାସ ପରାମର୍ଶ ଦେଇଛନ୍ତି।

■ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ

## ଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ

ଅନୁଗୋଳ ଅଫିସ, ୨୩।୭



ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ ସମିତିର ଦ୍ୱିତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ନିଦାନ ଯୋଜନାରେ ଜିଲାର ଗରିବ ରୋଗୀମାନଙ୍କୁ ଏମ୍‌ଆରଆଇ, ସିଟି ସ୍କାନ ଭଳି ବିଭିନ୍ନ ବ୍ୟୟ ବହୁଳ ପରୀକ୍ଷାକୁ ମାଗଣାରେ ଅଗ୍ରାଧିକାର ଭିତ୍ତିରେ କରିବାକୁ ଜିଲାପାଳ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

ଏହି ପରୀକ୍ଷା ପାଇଁ ଆବଶ୍ୟକ ଖର୍ଚ୍ଚ ଜିଲା ଖଣିଜ ପାଣ୍ଠିରୁ ବହନ କରାଯାଉଥିବାରୁ ଜିଲାର ରୋଗୀମାନଙ୍କୁ ପ୍ରଥମେ ଅଗ୍ରାଧିକାର ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ୧୦୮ ଓ ୧୦୨ ଗାଡ଼ିର ଠିକ୍ କାର୍ଯ୍ୟକାରିତା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମା’ ଓ ଶିଶୁ ଚିକିତ୍ସା କେନ୍ଦ୍ରର ଲିଫ୍ଟ ୭ ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ନିୟୋଜିତ ୧୬ଟି ଗାଡ଼ିର ବ୍ୟବହାରକୁ କଡ଼ାକଡ଼ି ଯାଞ୍ଚ କରିବା ସହ ଏହାର ଜିପିଏସ୍ ଟ୍ରାକିଂ ସିଷ୍ଟମ ଲଗାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ନିୟମିତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ଏହି କାର୍ଯ୍ୟକ୍ରମର ଠିକ କାର୍ଯ୍ୟକାରିତା ଅନୁଧ୍ୟାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପାଚେରି ନିର୍ମାଣ, ପୋଲିସ ଆଉଟ୍ ପୋଷ୍ଟ କାର୍ଯ୍ୟକ୍ଷମ, ରୋଗୀମାନଙ୍କୁ ଖାଦ୍ୟ ଯୋଗାଣ ଓ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଯନ୍ତ୍ରାଂଶକୁ ଏଏମ୍‌ସି କରାଇ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଆର୍‌ଆଇ ପରୀକ୍ଷା ଗୁଡ଼ିକ ପାଇଁ ଯେଉଁ ବିଲ୍ ଗୁଡ଼ିକ ପରିଶୋଧ କରାଯାଉଛି ସେଗୁଡ଼ିକୁ ଠିକ୍ ଭାବେ ଯାଞ୍ଚ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲା ଖଣିଜ ପାଣ୍ଠିରୁ ପରିଶୋଧ ପାଇଁ ପଠାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା ଜିଲା ସ୍ୱାସ୍ଥ୍ୟ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଡିଏମ୍‌ଓ (ପରିବାର ମଙ୍ଗଳ) ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ବିଶ୍ୱବିହାରୀ ମହାନ୍ତି, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡାକ୍ତର ରାକେଶ କୁମାର ସାହୁ, ଏଡିଏମ୍‌ଓ (ମେଡିକାଲ) ଡାକ୍ତର ଲକ୍ଷ୍ମୀ ନାରାୟଣ ବିଶୋଇ, ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଶତପଥୀ, ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ରବୀନ୍ଦ୍ରନାଥ ନାୟକଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଯୋଗଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର,୨୪ ଜୁଲାଇ /୨୦୧୯, Dhenkanal, Wednesday July 24 / 2019

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ରୋଟାରି ଓ ଇନରହ୍ୱିଲ କ୍ଲବର ପ୍ରତିଷ୍ଠା ଦିବସ
ସ୍ଥାନ: ସୂର୍ଯ୍ୟମଣ୍ଡପ ପରିସର
ସମୟ: ରାତି ସାଢ଼େ ୭ଟା।

## ସଂକ୍ଷେପରେ

### ପ୍ରତି ଗୁରୁବାର ଜିଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

**ଢେଙ୍କାନାଳ ଅଫିସ, ୨୩।୭:** ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ପରିବର୍ଦ୍ଧିତ କରାଯାଇଛି। ଏଣିକି ପ୍ରତି ସପ୍ତାହର ସୋମବାର ବ୍ୟତୀତ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏବେ ଆଉ ଅଭିଯୋଗକାରୀଙ୍କୁ ପ୍ରତିଦିନ ଜିଲା କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିବାକୁ ପଡ଼ିବନି। ଏଥିପାଇଁ କେବଳ ଗୁରୁବାର ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ଯାଏ ଅଭିଯୋଗକାରୀମାନେ ସେମାନଙ୍କ ସମସ୍ୟା ଜଣାଇପାରିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି।

### ଚୋରା ବାଇକ୍ ଜବତ, ୨ ଗିରଫ

**ଢେଙ୍କାନାଳ ଅଫିସ,୨୩।୭:** ଢେଙ୍କାନାଳ ସହରସ୍ଥିତ ସିମିଳିଆ ଓଭରବ୍ରିଜ୍ ନିକଟରୁ ମଙ୍ଗଳବାର ମଧ୍ୟାହ୍ନରେ ପୋଲିସ ଏକ ଚୋରା ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ଗଁଦିଆ ଥାନା ଆମ୍ୱବାହାଲି ଗ୍ରାମର ବିଶ୍ୱଜିତ୍ ମହାନ୍ତି ଓରଫ୍ କାହ୍ନା ଏବଂ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳର ଗଣେଶ୍ୱର ସାହୁ ଓରଫ୍ ପପୁ। ଉଭୟେ ଜିଲାର କୌଣସି ସ୍ଥାନରୁ ଉକ୍ତ ବାଇକ୍ ଚୋରି କରିଥିଲେ। ସିମିଳିଆ ଓଭରବ୍ରିଜ ନିକଟରେ ଯାନବାହନ ଯାଞ୍ଚ କରୁଥିବା ପୋଲିସ କର୍ମଚାରୀ ସେମାନଙ୍କୁ ସନ୍ଦେହରେ ଅଟକ ରଖିଥିଲେ। ପଚରାଉଚୁରା ବେଳେ ଘଟଣା ପଦାକୁ ଆସିଥିଲା। ବାଇକ୍‌ର ପ୍ରକୃତ ମାଲିକ କିଏ ସେ ନେଇ ପୋଲିସ ତଦନ୍ତ ଚଳାଇଛି।

### ତେଲ ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଠାକୁରମୁଣ୍ଡା,୨୩।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ରୁଗୁଡ଼ିସାହି ଗ୍ରାମର ଗୁରା ହୋ ନାମକ ଜଣେ ଯୁବକ ମଙ୍ଗଳବାର ତେଲ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ସକାଳେ ତେଲ ନଦୀକୁ ଗାଧୋଇବା ପାଇଁ ଯାଇ ଘରକୁ ଫେରି ନଥିଲେ। ମଧ୍ୟାହ୍ନରେ ନଦୀକୁ ଗାଧୋଇବା ପାଇଁ ଯାଇଥିବା ଗ୍ରାମର ଅନ୍ୟ କେତେକ ଲୋକ ପାଣିରୁ ଗୁରାଙ୍କ ମୃତଦେହ ଉଦ୍ଧାର କରିଥିଲେ।

■ଢେଙ୍କାନାଳରେ ୩୫.୬% କମ୍ ବର୍ଷିଛି

# ଦୁଇ ସପ୍ତାହରେ ବର୍ଷା ନ ହେଲେ ମରୁଡ଼ି

**ଢେଙ୍କାନାଳ ଅଫିସ, ୨୩।୭**

ଠକିଦେଲା ମୌସୁମୀ। ଲଘୁଚାପ ବର୍ଷା ବି ସେମିତି ଖାସ୍ ହେଲାନି। ଆକାଶରେ ବାଦଲ ଭାସୁଛି। ହେଲେ ବର୍ଷୁନି। ଯଦିବା କାଁ ଭାଁ ବର୍ଷା ହେଉଛି ସେତକ ଚାଷକୁ ପାଉନି। ଏପରି ସ୍ଥିତିରେ ଢେଙ୍କାନାଳ ଜିଲାରେ ଚାଷ ଉଜୁଡ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି। ଦୁଇ ସପ୍ତାହ ମଧ୍ୟରେ ବର୍ଷା ନ ହେଲେ ପରିସ୍ଥିତି ସଙ୍ଗିନ ହୋଇପଡ଼ିବ ବୋଲି ଆଶଙ୍କା ବ୍ୟକ୍ତ କରିଛି କୃଷି ବିଭାଗ।


କୃଷି ଅଧିକାରୀମାନେ ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ଚାଷ ଜମି ପରିଦର୍ଶନ କରୁଛନ୍ତି।

ଢେଙ୍କାନାଳ ଜିଲାରେ ଜୁଲାଇ ୨୦ ସୁଦ୍ଧା ୩୫.୬୦% କମ୍ ବର୍ଷା ହୋଇଛି। ଜମିରେ ଯେତିକି ପାଣି ଅଛି ଆସନ୍ତା ୧୫ଦିନ ଯାଏ କଷ୍ଟେମଷ୍ଟେ ଚଳିଯିବ। ହେଲେ ଏହା ପରେ ବି ଯଦି ବର୍ଷା ନ ହୁଏ, ତେବେ ପରିସ୍ଥିତି ଜଟିଳ ହୋଇପଡ଼ିବ ବୋଲି ଅନୁମାନ କରିଛି କୃଷି ବିଭାଗ। ସ୍ଥିତିକୁ ନଜରରେ ରଖି ଜିଲାପାଳ କୃଷି, ଜଳସେଚନ ସମେତ ଅନ୍ୟ ସମସ୍ତ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

■ଜମିରେ ପାଣି ନାହିଁ
■ପଛେଇଛି ଚାଷକାର୍ଯ୍ୟ
■ଚାଷୀକୁଳ ଚିନ୍ତା ବଢ଼ୁଛି
■ସତର୍କ ରହିବାକୁ ନିର୍ଦ୍ଦେଶ

ଚଳିତବର୍ଷ ଜିଲାରେ ୧ଲକ୍ଷ ୮୫ହଜାର ୧୦୦ ହେକ୍ଟର ଜମିରେ ଖରିଫ୍ ଫସଲ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେଥିରୁ ୯୪,୯୪୦ ହେକ୍ଟରରେ ଧାନ, ୨୨,୯୧୬ ହେକ୍ଟରରେ ଡାଲିଜାତୀୟ, ୧୩୦ ହେକ୍ଟରରେ ତନ୍ତୁଜାତୀୟ, ୨୦,୫୮୦ ହେକ୍ଟରରେ ତୈଳବୀଜ, ୩୭,୪୪୫ ହେକ୍ଟରରେ ପରିବା, ୫,୮୦୦ ହେକ୍ଟରରେ ମସଲାଜାତୀୟ ଏବଂ ୪୦୦ ହେକ୍ଟର ଜମିରେ ଆଖୁ ଚାଷ କରାଯିବାକୁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।

ଜୁଲାଇ ୨୩ ସୁଦ୍ଧା ସମୁଦାୟ ୯୪,୯୪୦ ହେକ୍ଟର ମଧ୍ୟରୁ ୫୫ ହଜାର ହେକ୍ଟର ଚାଷ ଜମିରେ ଧାନ ବୁଣା କାର୍ଯ୍ୟ ଶେଷହୋଇଛି। ଗତବର୍ଷ ସମାନ ସମୟରେ ୯୩,୨୫୦ ହେକ୍ଟର ଜମିରେ ଧାନବୁଣା ସରିଥିଲା। ୩୯,୯୪୦ ହେକ୍ଟର ରୁଆ ଧାନ ଚାଷ କରାଯିବାକୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବାବେଳେ ମାତ୍ର ୬,୯୮୮ ହେକ୍ଟର ଜମିରେ ରୁଆ ସରିଛି। ଗତବର୍ଷ ଏହି ସମୟରେ ୮,୨୫୦ ହେକ୍ଟର ଜମିରେ ରୁଆ ଶେଷ ହୋଇସାରିଥିଲା। ଚଳିତବର୍ଷ ୩,୪୯୪ ହେକ୍ଟର ଜମିରେ ତଳି ପଡ଼ିଛି। ବର୍ତ୍ତମାନ ସୁଦ୍ଧା ୧,୩୫୦ ହେକ୍ଟର ଜମିରେ ବେଉଷଣ ସରିଛି । କିନ୍ତୁ ଗତବର୍ଷ ଏହି ସମୟରେ ୩ ହଜାର ହେକ୍ଟର ଜମିରେ ବେଉଷଣ ଶେଷ ହୋଇଥିଲା।

ଅପରପକ୍ଷେ ଜିଲାରେ ଜୁଲାଇ ୨୦ ସୁଦ୍ଧା ୧୧୮.୮୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ସାଧାରଣ ବର୍ଷାର ପରିମାଣ ୧୮୪.୫୯ ମିମି ହେବା କଥା। ଓଡ଼ାପଡ଼ା ବ୍ଲକରେ ୫୭% ଏବଂ ପରଜଙ୍ଗ ବ୍ଲକରେ ୭୧% କମ୍ ବର୍ଷା ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସବୁକ୍ଷେତ୍ରରେ ଚାଷ ଧିମେଇଥିବା ସ୍ପଷ୍ଟ ହୋଇଛି।

ଏ ସମ୍ପର୍କରେ ଜିଲା କୃଷି ବିଭାଗ ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କୁହନ୍ତି, ଜିଲାରେ ୧୧୫୮ ବୋରୱେଲ ମଧ୍ୟରୁ ୧୦୪୧ଟି କାର୍ଯ୍ୟକ୍ଷମ ରହିଛି। ରେଙ୍ଗାଳି ଦକ୍ଷିଣ କେନାଲ, ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଜଳସେଚିତ ହେଉଥିବା ଜମିଗୁଡିକ ସମ୍ପର୍କରେ ସମସ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ସ୍ୱାଭାବିକ ବର୍ଷା ନ ହେଲେ ପରିସ୍ଥିତି ଜଟିଳ ହେବା ଆଶଙ୍କା ରହିଛି। ଏ ନେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଖରିଫ ଚାଷ ସମ୍ପର୍କରେ ବୈଠକ ସରିଛି। ୨୫ ତାରିଖରୁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ଏହା ସତ୍ତ୍ୱେ ସମସ୍ତ ବିଭାଗକୁ ଆଲର୍ଟ କରାଯାଇଛି। ଖୁବ୍‌ଶୀଘ୍ର ଜରୁରୀ ବୈଠକ ଡାକି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

# ସାଢ଼େ ୩ବର୍ଷରେ ମଲେଣି ୧୦୪

**ଢେଙ୍କାନାଳ ଅଫିସ,୨୩।୭**

**ସାପକାମୁଡ଼ା ମୃତ୍ୟୁ ଉଦ୍‌ବେଗଜନକ**
■ସଚେତନତାର ଅଭାବ ପ୍ରମୁଖ କାରଣ
■ଗ୍ରାମାଞ୍ଚଳରେ ଉଦ୍‌ବେଗଜନକ ସ୍ଥିତି

ଢେଙ୍କାନାଳ ଜିଲାରେ ସାପ କାମୁଡ଼ା ମୃତ୍ୟୁସଂଖ୍ୟା ଚିନ୍ତାଜନକ ହୋଇଛି। ଗତ ସାଢ଼େ ୩ବର୍ଷ ମଧ୍ୟରେ ଜିଲାରେ ସାପ କାମୁଡ଼ାରେ ୧୦୪ଜଣଙ୍କ ଜୀବନ ଗଲାଣି। ଗ୍ରାମାଞ୍ଚଳ ଏବଂ ଅପହଞ୍ଚ ଇଲାକାରେ ଏହି ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ସଚେତନତା ଅଭାବ ଏହାର ପ୍ରମୁଖ କାରଣ ବୋଲି କହିଛି ସ୍ୱାସ୍ଥ୍ୟ ବିଭାଗ।

ବନ୍ୟପ୍ରାଣୀ ସଂରକ୍ଷଣ ଲାଗି କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଜିଲାର ଥଣ୍ଡା ଜଳବାୟୁ ସାପବଂଶ ଲାଗି ସୁରକ୍ଷିତ ସାବ୍ୟସ୍ତ ହୋଇଆସିଛି। ସଂରକ୍ଷିତ ଜଙ୍ଗଲ ସାପଙ୍କ ପ୍ରାକୃତିକ ଆବାସସ୍ଥଳୀ ପାଲଟିଛି। ଜିଲାରେ ଏବେ ୯୩ ପ୍ରକାର ସାପ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮ ପ୍ରଜାତି ହେଉଛି ବିଷଧର।

ଜିଲା ଜରୁରୀ ଓ ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୬ରେ ଜିଲାରେ ସାପ କାମୁଡ଼ାରେ ୨୮ଜଣଙ୍କ ମୃତ୍ୟୁ ଘଟିଥିଲା। ଏହିକ୍ରମରେ ୨୦୧୭ରେ ୨୬, ୨୦୧୮ରେ ୩୧ ଏବଂ ୨୦୧୯ ଜୁଲାଇ ସୁଦ୍ଧା ୯ଜଣ ପ୍ରାଣ ହରାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ଏବଂ ତଦନ୍ତ ରିପୋର୍ଟ ଆଧାରରେ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯାଉଛି। ନିକଟରେ ହୋଇଥିବା ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଜିଲାରେ ବୃଦ୍ଧି ପାଉଥିବା ସାପକାମୁଡ଼ା ମୃତ୍ୟୁସଂଖ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପ୍ରତିଷେଧକ ମହଜୁଦ୍ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜନସାଧାରଣ ସଚେତନ ହେଲେ ମୃତ୍ୟୁହାରକୁ ଅନେକାଂଶରେ କମାଇ ଦିଆଯାଇପାରିବ ବୋଲି ଜିଲା ଜରୁରୀ ଓ ଆପତ୍‌କାଳୀନ ଅଧିକାରୀ ପରାମର୍ଶ ଦେଇଛନ୍ତି।

ଏ ନେଇ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, ସଚେତନତା ଅଭାବ, ଚିକିତ୍ସାରେ ବିଳମ୍ବ ଯୋଗୁ ସାପକାମୁଡ଼ା ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ସାପ କାମୁଡ଼ିଲେ ତୁରନ୍ତ ରୋଗୀର ମୃତ୍ୟୁ ହୁଏନାହିଁ। ପରିବାର ସଦସ୍ୟ ଏବଂ ରୋଗୀ ଧୈର୍ଯ୍ୟହରା ନ ହୋଇ ତୁରନ୍ତ ଡାକ୍ତରଖାନାରେ ପହଞ୍ଚିବା ଆବଶ୍ୟକ। ଠିକ୍ ସମୟରେ ଚିକିତ୍ସା କରାଗଲେ ରୋଗୀକୁ ବଞ୍ଚାଇ ଦିଆଯାଇପାରିବ। ହେଲେ ଏଥିପ୍ରତି ଲୋକେ ସଚେତନ ହେଉନାହାନ୍ତି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଗାରେଡ଼ି, ଝଡ଼ାଫୁଙ୍କା ଚିକିତ୍ସା କରାଉଛନ୍ତି। ସେଠାରୁ ସୁଫଳ ନ ମିଳିଲେ ଡାକ୍ତରଖାନା ଆଣୁଛନ୍ତି। ସେତେବେଳକୁ ବିଳମ୍ବ ହୋଇଯାଉଛି। ରୋଗୀର ମୃତ୍ୟୁ ଘଟୁଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ସମେତ ସମସ୍ତ ଚିକିତ୍ସାଳୟରେ ସାପ କାମୁଡ଼ା ଇଞ୍ଜେକ୍ସନ ଓ ଔଷଧ ମହଜୁଦ ଅଛି। ଏବେ ସମସ୍ତ ଔଷଧ ଅନ୍‌ଲାଇନ୍‌ରେ ଯୋଗାଣ ହେଉଛି ବୋଲି ସିଡିଏମ୍‌ଓ କହିଛନ୍ତି।

BDS Admission Guidance
Course fee package as low as 10 lac in India

| Catagory | Eligibilty Criteria | Cut off score (Out of 720) |
|---|---|---|
| General | 50th percentile | 134 |
| OBC/SC/ST | 40th percentile | 107 |

UTKAL ACADEMY
YOUR TRUST I ଆପଣଙ୍କ ବିଶ୍ୱାସ
(A Unit of Vardham Metropolish Pvt. Ltd)
Toll-Free No: 1800 123 89 5400
BHUBANESWAR: 1190/A, Jagmohan Nagar, ITER Square, Khandagiri, 751030, Mob: 9090053338, 8917405105
BERHAMPUR: Panitanki Square, Mob: 9778162762
WEB: www.utkalacademy.com

■ବନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ

# 'ଠିକ୍ ଭାବେ ଯୋଜନା କାର୍ଯ୍ୟକାରୀ କର'



**ଢେଙ୍କାନାଳ ଅଫିସ, ୨୩।୭**

ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ପର୍ଯ୍ୟାୟର ୪ର୍ଥ ଜିଲାସ୍ତରୀୟ ବୈଠକ ସୋମବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିଥିଲେ।

ଢେଙ୍କାନାଳ ବନାଞ୍ଚଳ ଅଧୀନରେ ୨୫ ବନ ସଂରକ୍ଷଣ ସମିତି (ଭିଏସ୍ଏସ୍) କାର୍ଯ୍ୟ କରୁଛି। ଜଙ୍ଗଲ ଏବଂ ଗ୍ରାମର ସାମୂହିକ ଉନ୍ନତି ପାଇଁ ଅଣୁ ଯୋଜନା, ଏକାଭିମୁଖୀ ଯୋଜନା ପ୍ରସ୍ତୁତ କରାଯାଇଛି। ସମିତିସ୍ତରରେ ସେଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆନୁକୂଲ୍ୟରେ ପ୍ରସ୍ତୁତ ହେଉଥିବା ଯୋଜନାଗୁଡ଼ିକୁ ପ୍ରତିବର୍ଷ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର ପ୍ରକଳ୍ପ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଅଗ୍ରଣୀ ବ୍ୟାଙ୍କ କର୍ମଚାରୀ, ବନ ବିଭାଗର ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଶାଦ୍ରିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରକଳ୍ପର ନୋଡାଲ ଅଫିସର ଅମିୟ ରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।

# କରାବିରା ଜଙ୍ଗଲରେ ଦନ୍ତା ମୃତ

**ଢେଙ୍କାନାଳ ଅଫିସ,୨୩।୭**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ଅଧୀନ କରାବିରା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ଏହାର ଆନୁମାନିକ ବୟସ ୮ବର୍ଷ ହେବ। ହାତୀଟି ଜଙ୍ଗଲ ତଳି ଅଞ୍ଚଳରେ ଥିବା ଏକ ପାଣିଭର୍ତ୍ତି ଗାଡ଼ିଆରେ ମରି ପଡ଼ିଥିଲା। ବନ କର୍ମଚାରୀ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି।

ଏ ନେଇ ଡିଏଫ୍‌ଓ ସୁଦର୍ଶନ ପାତ୍ର କୁହନ୍ତି, ହାତୀ ମରିପଡ଼ିଥିବା ସମ୍ପର୍କରେ ସନ୍ଧ୍ୟାରେ ସୂଚନା ମିଳିଛି। ମୃତହାତୀର ପାଟିରୁ ଫେଣ ବାହାରୁଥିବା ଦେଖିବାକୁ ମିଳିଛି। ରୋଗଗ୍ରସ୍ତ ହୋଇ ଦନ୍ତାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଭୁବନେଶ୍ୱର ଓୟୁଏଟି କର୍ତ୍ତୃପକ୍ଷଙ୍କୁ ମୃତଦେହ ପରୀକ୍ଷା ପାଇଁ ଅବଗତ କରାଯାଇଛି। ବିଶେଷଜ୍ଞମାନେ ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ହାତୀମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଦୁଇମାସ ମଧ୍ୟରେ ହିନ୍ଦୋଳ ରେଞ୍ଜରେ ଦନ୍ତା ଏବଂ ଶାବକଙ୍କୁ ମିଶାଇ ମୋଟ ୭ ହାତୀ ପ୍ରାଣ ହରାଇଲେଣି। ସମ୍ପୃକ୍ତ ଅଞ୍ଚଳରେ ବାରମ୍ୱାର ହାତୀମୃତ୍ୟୁ ବନ ବିଭାଗର ଚିନ୍ତା ବଢ଼ାଇଛି। ଅନ୍ୟପଟେ ହାତୀଙ୍କ ସୁରକ୍ଷା ଦିଗରେ ସୁଚିନ୍ତିତ ତଥା ସ୍ଥାୟୀ ପଦକ୍ଷେପ ନେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

■ତାଡିଲେ ରୁଙ୍ଗ୍‌ଟା କ୍ଷତିଗ୍ରସ୍ତ

# କମ୍ପାନୀ ଫାଟକରେ ତାଲା ଠୁଙ୍କିଲେ


କ୍ଷତିଗ୍ରସ୍ତ ପ୍ରଜାମାନେ କମ୍ପାନୀର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୩।୭**

ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନ ହେବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ରୁଙ୍ଗ୍‌ଟା କମ୍ପାନୀ ପ୍ରଭାବିତ ଖାଡ଼ବନ୍ଧ ଅଞ୍ଚଳର କ୍ଷତିଗ୍ରସ୍ତ ପ୍ରଜା। ୧୩ ଦଫା ଦାବି ନେଇ ସେମାନେ ମଙ୍ଗଳବାର କମ୍ପାନୀ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଏହାକୁ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖାଡ଼ବନ୍ଧ ଅଞ୍ଚଳରେ ୨୦୦୭ରେ ରୁଙ୍ଗ୍‌ଟା କମ୍ପାନୀ ପ୍ରତିଷ୍ଠା ପାଇଁ ଶୁଭ ଦିଆଯାଇଥିଲା। ଆବଶ୍ୟକତା ଅନୁଯାୟୀ କାରଖାନା କର୍ତ୍ତୃପକ୍ଷ ସମ୍ପୃକ୍ତ ଅଞ୍ଚଳରେ ଜମି ଅଧିଗ୍ରହଣ କରିଥିଲେ। ଦୀର୍ଘଦିନ ପରେ ବି କମ୍ପାନୀ କାର୍ଯ୍ୟକ୍ଷମ ହେଲାନାହିଁ। ଦୀର୍ଘ ୧୧ବର୍ଷ ପରେ କମ୍ପାନୀ ପକ୍ଷରୁ ପୁନର୍ବାର ଭୂମିପୂଜା କରାଯିବା ସହ ଆଉ କିଛି ଜମି ଅଧିଗ୍ରହଣ କରାଯାଇଛି। କିନ୍ତୁ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ପ୍ରଜାକୁ ମୂଲ୍ୟ ପ୍ରଦାନ କରାଯାଉନାହିଁ। ଏହାକୁ ନେଇ ଜମିହରାମାନେ ପ୍ରତିବାଦ କରି ଆସୁଛନ୍ତି। ବାରମ୍ୱାର ବୈଠକ ଏବଂ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳୁନାହିଁ। ଆରପିଡିଏସି ବୈଠକ ଡକାଯାଉନାହିଁ। ସମସ୍ୟାର ସ୍ଥାୟୀ ସମାଧାନ କରିବା ପରିବର୍ତ୍ତେ କେବଳ ଆଲୋଚନାରେ ସୀମିତ ରହିଛି। ସବୁଆଡୁ ନିରାଶ ହେବାପରେ କ୍ଷତିଗ୍ରସ୍ତ ପ୍ରଜା ଆନ୍ଦୋଳନ ଆରମ୍ଭ କରିଛନ୍ତି। ସୂଚନା ପାଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

ଏ ସଂକ୍ରାନ୍ତରେ ଉପଜିଲାପାଳ ଭବେଶ କୁମାର ନାୟକ କୁହନ୍ତି, ଗ୍ରାମବାସୀଙ୍କୁ ଡାକି ଆଲୋଚନା କରାଯାଇଛି। ସେମାନଙ୍କ ପ୍ରମୁଖ ଦାବି ହେଉଛି ଆରପିଡିଏସି ମିଟିଂ କରାଯାଉ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଏ ନେଇ ଜିଲାପାଳ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଜଣାଇଛନ୍ତି ।

■ରାସ୍ତାରେ ପୋଲିସ ପକାଇଲା ତାରବାଡ଼

# ଶହୀଦ ପରିବାର ଗୃହବନ୍ଦୀ

**ଢେଙ୍କାନାଳ ଅଫିସ, ୨୩।୭**

ପୋଲିସ ଦାଦାଗିରି। କ୍ଷମତାର ବଳ ଦେଖାଇ ରାସ୍ତାରେ ଜୋରଜବରଦସ୍ତ ପକାଇଦେଲେ ତାରବାଡ଼। ଯେଉଁଥିପାଇଁ ଦେଶ ସେବାରେ ପ୍ରାଣବଳି ଦେଇଥିବା ଜଣେ ଶହୀଦଙ୍କ ପରିବାରକୁ ଭୋଗିବାକୁ ପଡୁଛି ଗୃହବନ୍ଦୀ ଜୀବନ। ଏପରି ଘଟଣା ଘଟିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅଞ୍ଚଳରେ। ମାନସିକ ଅଶାନ୍ତି ଭିତରେ ଦିନ ବିତାଉଥିବା ସମ୍ପୃକ୍ତ ଶହୀଦ ପରିବାର ଏ ନେଇ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଭିଯୋଗପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଡିଜିପି, ଏସ୍‌ଓଜି ପୋଲିସ କମାଣ୍ଡାଣ୍ଟ, ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।


ତାରବାଡ଼ ଦେଇ ପୋଲିସ ରାସ୍ତାକୁ ବନ୍ଦ କରିଦେଇଛି।

ହିନ୍ଦୋଳ ବ୍ଲକ ରାସୋଳ ଥାନା ବେଡ଼ାପଡ଼ା ଗ୍ରାମର ବିଜନ ସାମଲଙ୍କ ଏକମାତ୍ର ପୁଅ ହେଉଛନ୍ତି ସୁବ୍ରତ ସାମଲ। ବୈପାରୀଗୁଡ଼ା ଏସ୍‌ଓଜି ବାଟାଲିୟନରେ କାର୍ଯ୍ୟରତ ଥିବାବେଳେ ୨୦୧୦ରେ ସେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିଲେ। ଏହାପରେ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଶହୀଦ ପରିବାରକୁ କଣ୍ଟାବଣିଆ ଥାନା ମଙ୍ଗଳପୁର ମୌଜାରେ ଜମି ପ୍ରଦାନ କରାଯାଇଥିଲା, ଯାହାର ଖତିଆନ ନଂ. ୭୫୪/୧୦୮୦ ଏବଂ ପ୍ଲଟ ନଂ. ୫୭୫୫। ୨୦୧୨ରୁ ବିଜନ ସପରିବାର ସେଠାରେ ଘର କରି ରହିଆସୁଛନ୍ତି।

ଏ ନେଇ ଶହୀଦ ଯବାନଙ୍କ ମା' ସୁରମା ସାମଲ କୁହନ୍ତି, ତତ୍କାଳୀନ ସମୟରେ ଓଡ଼ାପଡ଼ା ତହସିଲଦାରଙ୍କ ଉପସ୍ଥିତିରେ କଣ୍ଟାବଣିଆ ଥାନାର ପୂର୍ବପାର୍ଶ୍ୱରେ ପୁରୁଣା ଜାତୀୟ ରାଜପଥଠାରୁ ପ୍ଲଟ ନଂ. ୫୭୫୯ ଦେଇ ଘର ଯାଏ ରାସ୍ତା ଚିହ୍ନଟ କରାଯାଇଥିଲା। କିନ୍ତୁ ୨୦୧୯ ଏପ୍ରିଲରୁ କଣ୍ଟାବଣିଆ ଥାନାଧିକାରୀ ଉକ୍ତ ରାସ୍ତାକୁ ତାରବାଡ଼ ପକାଇ ବନ୍ଦ କରିଦେଇଛନ୍ତି। ଘର ନିକଟରେ ଥିବା ଅନ୍ୟ ଏକରାସ୍ତାକୁ ଜିଏମ୍‌ଆର କମ୍ପାନୀ ବ୍ୟବହାର କରୁଛି। ସୂଚନା ଫଳକରେ ଉକ୍ତ ରାସ୍ତାକୁ ସର୍ବସାଧାରଣ ବ୍ୟବହାର କରିପାରିବେ ନାହିଁ ବୋଲି ଦର୍ଶାଯାଇଛି। ଫଳରେ ପରିବାର ଲୋକେ ଯାତାୟାତ କରିବାରେ ସମସ୍ୟା ଭୋଗୁଛନ୍ତି। ପୁନର୍ବାର ରାସ୍ତା ଚିହ୍ନଟ ପାଇଁ ତହସିଲଦାରଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ପୁଅ ପୋଲିସ ବିଭାଗରେ ଚାକିରି କରିବା ଅଭିଶାପ ବୋଲି ସୁରମା କ୍ଷୋଭବ୍ୟକ୍ତ କରି କହିଛନ୍ତି।

■ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ
■ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ଏସ୍‌ଡିପିଓ

ଏ ନେଇ କଣ୍ଟାବଣିଆ ଥାନାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ସେ ଛୁଟିରେ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ଏ ନେଇ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ଥାନା ନିକଟରେ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ବାସଭବନ ନିର୍ମାଣ ପାଇଁ ଏକ ଜାଗା ରହିଛି। ଉକ୍ତ ରାସ୍ତା ମଧ୍ୟରେ ମଦ ଦୋକାନ ରହିଥିବାରୁ ଅସାମାଜିକ ବ୍ୟକ୍ତିମାନେ ଚଳପ୍ରଚଳ କରୁଛନ୍ତି। ତେଣୁ ଅସ୍ଥାୟୀ ଭାବେ ରାସ୍ତାକୁ ପୋଲିସ ବନ୍ଦ କରିଦେଇଥିବା ସୂଚନା ମିଳିଛି। ପୋଲିସ ପକ୍ଷରୁ ରାସ୍ତା ଚିହ୍ନଟ ପାଇଁ ତହସିଲଦାରଙ୍କୁ ପତ୍ର ଲେଖାଯାଇଛି। ଶହୀଦ ପରିବାର ଚଳପ୍ରଚଳ କରିବାକୁ ରାସ୍ତା ଖୋଲିଦେବାକୁ କୁହାଯାଇଛି। ବୁଧବାର ସୁଦ୍ଧା ସମସ୍ୟାର ସମାଧାନ ହୋଇଯିବା ଆଶା କରାଯାଉଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ